ପର୍ଶୁରାମଙ୍କ ବନ୍ଦନା

ଜୟ ଜୟ କାଳାନ୍ତେକ ଛତ୍ରୀ ବର୍ଗ ଧ୍ୱଂସା
ମହାତ୍ମା ପୁରୁଷ ତୁ ନିର୍ଦ୍ଦୟେ ନିରଂଶା ।୧ ।
ଶୁଦ୍ଧ ସଷ୍ଟିକ ବିରାଜିତ ଯାହାର ତେଜବର୍ଣ୍ଣ
ଶୂର ସୋହତ ନାଥ ଜଗତ ମୋହନ । ୨ ।

------

୧ ଜୟ ତୁ ଜୟ ତୁ କ୍ଷତ୍ରିୟ କାଳାନ୍ତକ ଦର୍ପ ଗଞ୍ଜି
ମହା ପୁରୁଷ ତୁ ପ୍ରପଞ୍ଚ ନିର୍ଭୟେ ଯମ ପାଞ୍ଜି । (ପା)
୧ ।୧ ନିରଂଶା-ଅପୁତ୍ରିକ, ନିରହଂସା-ପାପଶୂନ୍ୟ-(ନିରଂଶା)
୨ ।୨ ସୋହତ-ସୁନ୍ଦର

ପରମ ବ୍ରହ୍ମ ପୁରୁଷ ହୃଦଗତେ ବିଦ୍ୟା ସାଧି
ଦ୍ରଶନେ ପାପ ହରନ୍ତା ପ୍ରସନ୍ନେ କାର୍ଯ୍ୟ ସିଦ୍ଧି । ୩ ।
କୃପା ସାଗର ନାଥ ଦାରିଦ୍ର ଦୁଖନିଧି । ୪ ।
ଭୂଅ ଭାର ହରଣ ତୁ ପୁରୁଷ ଅସକନ୍ଦା
ଜମ୍ବୁ ପଟଳ ରୁଚିର ପୁରୁଷ ଅଜପା ଲୟେ ଛନ୍ଦା । ୫ ।
ଜୟ ତୁ ଜୟ ତୁ ୟୋଗାନ୍ତକ ପୁରୁଷ ସତ୍ୟଯୁଗ ଭୋଗୀ
ଜୟ ତୁ ଜୟ ତୁ ଯୋଗାନ୍ତକ ସାତୁକ୍ୟ ପରମ ଯୋଗୀ । ୬ ।
ଆକର୍ଷଣ କୃପାଜଳ ସୁବିକଟ ଦୃଷ୍ଟି
ପାଦକ ଅନ୍ତକ ବିକ୍ରମ ବିକଟି । ୭ ।
ଶହସ୍ର ବିଦ୍ୟାରେ ତୁ ସହସ୍ର ଅର୍ଜୁନ ଦର୍ପଧଂସୁ
ସୁର ଦର୍ପ ଧଂସନ କରେଣ ତୋର ତୀଖ ପ୍ରଶୁ । ୮ । ସଂଖ୍ୟା
ଆଗ୍ୟାଂକର ଠାକୁର ତୁ ଯାହାର ଅଣବଞ୍ଚା
ୟେକ ଶରେ ଦିସ ଭଂଜନ ଧ୍ୱଂସନ୍ତା ସର୍ବସଞ୍ଚା । ୯ ।
କୃପା ସାଗର ନାଥ ଦରିଦ୍ର ଦୁଖ ବିଧ୍ୱଂସା
ବାଞ୍ଛା ସାଗର ନାଥ ସ୍ୱାମୀ ପୂରାଅ ମନବାଞ୍ଛା । ୧୦ ।
ଅତିଅନ୍ତ ବିକଟାଳ ପିତାର ବଚନ ପ୍ରତିପାଳି
ମାତା ଭ୍ରାଥାଙ୍କର ରୁଧିର କଲୁ ବଳି । ୧୧ ।
ତୁ ଦେବ ସଂସାରେ ସମସ୍ତ ଦର୍ପ ଗଞ୍ଜୁ
ପ୍ରାଣ ଉଦ୍ଧାରଣ ନାଥ ଦୁସହ ଦର୍ପ ଗଞ୍ଜୁ । ୧୨ ।
ୟେ ସଚରାଚର ପୃଥିବୀ କି ତୁହି ସେ ୟେକ ଦେବ
ସଦାନନ୍ଦ ପୁରୁଷ ତୁ ଅଭୟେ ସଦାଶିବ । ୧୩ ।
ସମସ୍ତେ ନିରେଖ ତୁହି ସେ ସର୍ବ ଟାଣ
ସପତ ବ୍ରହ୍ମାଣ୍ଡେ ତୋର ମେଷ୍ଟନ୍ତା ନାହିଂ ଆନ । ୧୪ ।

-------

୮ ।୧ ଶହସ୍ର ବିଦ୍ୟାରେ ତୁ ସହସ୍ର ଅର୍ଜୁନ, ସଉଦାସର ଦର୍ପ ଧ୍ୱଂସୁ
ଶହସ୍ର ବିଦ୍ୟାରେ ତୁ ସହସ୍ରା ଅର୍ଜୁନ ଶୁର ଦର୍ପ ଧ୍ୱଂସୁ । (ପା)
୫ ।୧ ଭୂଅ-ପୃଥିବୀ, ବା ପଞ୍ଚଭୂତ । ୫ ।୨ ପୁରୁଷ ଅସକନ୍ଦ-ପୁରୁଷ ରାଜ, ପୁରୁଷ ଶ୍ରେଷ୍ଠ (ସ୍କନ୍ଦ-ରାଜା)
୬ ।୧ ଆକର୍ଷଣ-ଅନ୍ୟକୁ ବଶୀଭୂତ କାରୀ, କୃପାଜଳ-ଦୟାର ଉତ୍ସ
୭ ।୨ ପାଦକ ଅନ୍ତକ-ପାଦକର ଯମ-ପାତକ ଅନ୍ତକ-ପାପ ବା ପାପୀ ନାଶକାରୀ

ଅଂଶାବତାରେ ଦେବ ଅନନ୍ତ କୋଟି ମୂର୍ତ୍ତି
ପ୍ରଶୁରାମ ଅବତାରେ ନାହିଂନା ଆନ ଛତ୍ରୀ । ୧୫ ।
ରାଗ ନ ସହିଲୁ ନାଥ ପିତାର ନିମନ୍ତେ
କ୍ଷତ୍ରୀ ଅନ୍ତ କଲୁ ନାଥ ୟେକୋଇଶ ବାର ପରିଯନ୍ତେ । ୧୬ । ସଂଖ୍ୟା

କେବଣ ଯୋଗ ବଳେ ସ୍ୱାମୀ ବଢିଲା ତୋର ନାମ
ମହା ଭୟେ ଉପୁଜିଲା ନାମ ପ୍ରଶୁରାମ । ୧୭ ।
ଅନେକ ପାତକ ଦେବ ତୋର ଦ୍ରଶନେ ଭଂଜା
ଦୁରିତ ନିବାରଣ ନାଥ ନାଶକର ଦର୍ପ ଗଞ୍ଜା । ୧୮ ।
ଯାବତ ଚନ୍ଦ୍ର ଯେ ଦିବାକର ବ୍ରତି ଥାଉ
ପ୍ରଶୁରାମ ନାମ ଗୋଟି ମୋର ହୃଦେ ରହୁ । ୧୯ ।
ଜନ୍ମେ ଜନ୍ମେ ଭାବଇଂ ମୁହିଂ ତବ ପଦ୍ମ ପାୟେ
ଶୂଦ୍ରମୁନି ସାରୋଳା ଦାସ ସେବଇ ପ୍ରଶୁରାମ ଧ୍ୟାୟେ । ୨୦-୩୫୭୧ ।
************